ଧରିତ୍ରୀ
DHARITRI
ରାୟଗଡ଼ା, ଶୁକ୍ରବାର, ୧୯ ଏପ୍ରିଲ, ୨୦୧୯






## ସଂକ୍ଷେପରେ

### ନାବାଳିକା ଅପହର୍ତ୍ତା କୋର୍ଟ ଚାଲାଣ

ବୈପାରୀଗୁଡ଼ା,୧୮।୪(ଡି.ଏନ୍.ଏ.): ନାବାଳିକାଙ୍କୁ ଅପହରଣ ମାମଲାରେ ଗୁରୁବାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବୈପାରୀଗୁଡ଼ା ଥାନା କୋଲାର ଗ୍ରାମର ଭୀଷ୍ମ କାକଲପାଡିଆ ଜଟିଆଗୁଡ଼ା ଗ୍ରାମର ଜଣେ ନାବାଳିକାଙ୍କୁ ଅପହରଣ କରି ଫେରାର ହୋଇଯାଇଥିଲେ। ନାବାଳିକାଙ୍କ ପରିବାର ଥାନାରେ ଏତଲା ନ ଦେଇ ସେମାନଙ୍କୁ ଖୋଜାଖୋଜି କରୁଥିଲେ। ବୁଧବାର ଭୀଷ୍ମ ଓ ନାବାଳିକାଙ୍କୁ ବୈପାରୀଗୁଡ଼ା ବଜାରରେ ବୁଲୁଥିବା ବେଳେ ଧରାପଡ଼ିଥିଲେ। ସେଠାରୁ ସେମାନଙ୍କୁ ଘରକୁ ନିଆଯାଇ ଝିଅ ଘର ଭୀଷ୍ମଙ୍କୁ ମାରପିଟ୍ କରି ଛାଡ଼ି ଦେଇଥିଲେ। ଏହା ଜାଣିବା ପରେ ଭୀଷ୍ମଙ୍କ ବାପା ଥାନାରେ ଏତଲା ଦେଇଥିଲେ। ଏହି ଆଧାରରେ ପୋଲିସ ନାବାଳିକାଙ୍କ ପରିବାର ଲୋକଙ୍କ ବିରୋଧରେ କେସ୍ ନଂ ୫୦/୧୯ରେ ଏକ ମାମଲା ରୁଜୁ କରିଛି। ନାବାଳିକାଙ୍କ ପରିବାର ମଧ ପାଲଟା ଏତଲା କ୍ରମରେ ଝିଅକୁ ଅପହରଣ ଓ ବଳାତ୍କାର କରାଯାଇଥିବା ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ୫୧/୧୯ରେ ଅନ୍ୟ ଏକ ମାମଲା ରୁଜୁକରି ପୋଲିସ ଅଭିଯୁକ୍ତ ଭୀଷ୍ମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଛି।

### ବିଜୁବାବୁଙ୍କ ଶ୍ରାଦ୍ଧଦିବସ



ଜୟପୁର,୧୮।୪(ଡି.ଏନ୍.ଏ.): କୋରାପୁଟ ଜିଲା ଜୟପୁର ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ବିଜୁ ଭବନଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୨ତମ ଶ୍ରାଦ୍ଧଦିବସ ପାଳିତ ହୋଇଛି । ଜୟପୁର ଟାଉନ ବିଜେଡି ସଭାପତି ରାମନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ ଯୋଗଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିବା ବେଳେ ଆଧୁନିକ ଓଡ଼ିଶାର ସେ ନିର୍ମାତା ଥିଲେ ବୋଲି ଏକ ସ୍ୱରରେ କହିଥିଲେ । ଏହି ଅବସରରେ ବିଜେଡି ରାଜ୍ୟ ସାଧାରଣ ସଂପାଦକ ଅନୁପ ପାତ୍ର, ବିଷ୍ଣୁ ପ୍ରସାଦ ପାତ୍ର, ବାଲା ରାୟ, ରମାକାନ୍ତ ରାଉତ, ସରୋଜ ଦାଶ, ବିରେଶ ପଟ୍ଟନାୟକ, ସୁଧୀର ତ୍ରିପାଠୀ, ସହଦେବ ପଟ୍ଟନାୟକ, ଟୁକୁରୁ ଦାଶ, ରାଜ କୁମାର ସାହୁ, ରାଜା ପାଢ଼ୀ, ମନୋଜ ସାହୁ, ଗୁପ୍ତ ପାଣିଗ୍ରାହୀ, ୱାଇ.ଏସ୍. ଖାନ୍ନା, ଶିବ ପଟ୍ଟନାୟକ, ମନୋଜ ମିଶ୍ର, ଏଲ୍. ଶ୍ରୀନବାସ ରାଓ ଉପସ୍ଥିତ ଥିଲେ ।

# ବିହନ ଅନୁକୂଳ, ସାଥୀ ବାଛିବାର ପର୍ବ 'ଚୈତ୍ର'

## ■ ଗୀତବାଦ୍ୟ ସହ ଢେମ୍‌ସା ନାଚରେ କମ୍ପୁଛି ଆଦିବାସୀ ପଡ଼ା

କୋରାପୁଟ,୧୮।୪(ସ୍ୱ.ପ୍ର.)



ଢେମସା ନାଚ ବେଳେ ଆଦିବାସୀ ଯୁବକମାନେ ବାଦ୍ୟଯନ୍ତ୍ରରେ ମଜ୍ଜିଛନ୍ତି ।

କୋରାପୁଟ ଜିଲାର ଆଦିବାସୀ ବହୁଳ ଅଞ୍ଚଳ ଚୈତ୍ର ପରବ ପାଇଁ ଉତ୍ସବମୁଖର ହୋଇପଡ଼ିଛି। ଆଦିବାସୀ ତରୁଣୀଙ୍କ ଢେମସା ନାଚ ସାଙ୍ଗକୁ ମାଇକରେ ଆଦିବାସୀ ଗୀତ ସାଙ୍ଗକୁ ଯୁବକଙ୍କ ବାଦ୍ୟ ଗାଁଦାଣ୍ଡ ପ୍ରକମ୍ପିତ କରୁଛି। ଗୁରୁବାର ଜିଲାର କୋରାପୁଟ ବ୍ଲକର ମସ୍ତିପୁଟ, ପଣସପୁଟ, କେନ୍ଦାର ଗ୍ରାମ ସମେତ ସହରର ବଡଚିନ୍ଦିରି, ସାନ ଚିନ୍ଦିରି, ତେନ୍ତୁଳିଗୁଡ଼ା, କୁମ୍ଭା, ଜାନିଗୁଡା, ରେଲିକୁମ୍ଭା, ଡାଙ୍ଗଦେଉଳା ଗ୍ରାମରେ ଚୈତ୍ର ପର୍ବର ଝଲକ ଦେଖିବାକୁ ମିଳିଛି।

ଆଦିବାସୀମାନେ ବିହନ ଅନୁକୂଳ କରିବା ତଥା ଜୀବନ ସାଥୀ ବାଛିବାର ପର୍ବ ହେଉଛି ଚୈତ୍ର। ଏହି ପରବରେ ବେଣ୍ଟ ଶିକାର ପାଇଁ ବୟସ୍କ ଲୋକେ ଗାଁ ଛାଡି ଜଙ୍ଗଲମୁହାଁ ହୋଇଛନ୍ତି। ଶିକାର ନ ମିଳିବା ଯାଏ ସେମାନେ ଜଙ୍ଗଲରେ ରହୁନ୍ତି। ଶିକାର ନ ମିଳିଲେ ଗାଁରେ ମହିଳାମାନେ ତାଙ୍କୁ ବୀରତ୍ୱହୀନ ପୁରୁଷ କହି ଘରେ ପୂରାଇ ନଦେବା ପରମ୍ପରା ରହିଛି। ମହିଳା ଓ ପିଲାମାନେ ଗାଁ ରାସ୍ତାରେ ଚଇତି ପରବର ଇନାମ ଆଦାୟ କରିବାରେ ବ୍ୟସ୍ତ ଅଛନ୍ତି। ଏହି ପର୍ବ ଅବସରରେ ବିଭିନ୍ନ ସ୍ଥାନରେ ଚଇତି ଇନାମ ସଂଗ୍ରହ, ଆମ୍ବ, ମହୁଲ, ମୁଆଁ ଓ ବଣୁଆ ଫୁଲ ଦେଇ ଗ୍ରାମ ଠାକୁରାଣୀଙ୍କ ପୂଜା କରାଯାଏ। ମାସେବ୍ୟାପୀ ପାଳିତ ହେଉଥିବା ଏହି ସମୟ ଭିତରେ ବଙ୍ଗଳାଣୀ ଯାତ୍ରା, ହୁଣ୍ଡି ଶୀତଳରାଣୀ, ଅସ୍ତ୍ରଶସ୍ତ୍ର ପୂଜା, ଶିକାର ପର୍ବ ଓ ବିହନ ବୁଣା କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଏହି ସମୟରେ ଚାଷବାସ, କାଠକଟା, ମାଟିଖୋଳା ଓ ଧାନକୁଟା ବାରଣ ଥାଏ। ଅନ୍ୟପକ୍ଷରେ ଆଦିବାସୀ ଯୁବତୀ ଯୁବକଙ୍କ ପାଇଁ ଏହା ମନ ଦିଆନିଆର ସମୟ । ସେମାନେ ନିଜ ମନ ପସନ୍ଦର ଜୀବନସାଥୀ ଏହି ଅବସରରେ ବାଛି ନିଅନ୍ତି। ସେମାନେ ପରସ୍ପରକୁ ରଙ୍ଗମାଟିରେ ରଙ୍ଗେଇ ବଣୁଆଫୁଲର ମାଳ ପିନ୍ଧେଇ ଦିଅନ୍ତି। ସାଥୀ ବାଛିବା ପରେ ବିବାହ ହୋଇଥାଏ। ଚୈତ୍ର ପର୍ବର ମୁଖ୍ୟ ଆକର୍ଷଣ ହେଉଛି ପଶୁ ଶିକାର। ଏଥିରେ ପ୍ରଥମେ ହୁଏ ଟିଙ୍ଗିରି ବେଣ୍ଟ। ଏଥିରେ ଆଦିବାସୀ ବାଳକମାନେ ଜଙ୍ଗଲକୁ ଶିକାରରେ ଯାଇ ଛୋଟବଡ଼ ବନ୍ୟଜନ୍ତୁ ଧରି ଫେରିବା ପରେ ସେମାନଙ୍କୁ ମହିଳାମାନେ ବାଟବରଣ କରନ୍ତି। ଏହାପରେ ସୁସଜ୍ଜିତ ବିମାନରେ ଶିକାରକୁ ରଖି ଘରଘର ବୁଲି ପଇସା ସଂଗ୍ରହ କରାଯାଏ। ଟିଙ୍ଗିରି ବେଣ୍ଟ ପରଦିନ ପଡ଼େ ବଡ଼ବେଣ୍ଟ। ହୁଣ୍ଡି ଠାକୁରାଣୀ ପୀଠରେ ଅସ୍ତ୍ରଶସ୍ତ୍ର ପୂଜାକରି ଗାଁର ସମସ୍ତେ ଶିକାର ଅଭିଯାନରେ ବାହାରନ୍ତି। ବଡ଼ବେଣ୍ଟରେ ଯିବାକୁ ଯେଉଁ ପୁରୁଷ ଅମଙ୍ଗ ହୁଏ, ମହିଳାମାନେ ସେମାନଙ୍କ ଉପରେ ଗୋବର ପାଣି ଛିଞ୍ଚି ଜଙ୍ଗଲକୁ ତଡ଼ିଦିଅନ୍ତି। ସେହିଦିନ ଗ୍ରାମ ପୁରୁଷ ଶୂନ୍ୟ ହୋଇପଡ଼େ। ସେମାନଙ୍କ ଅନୁପସ୍ଥିତିରେ ମହିଳାମାନେ ନାଚଗୀତ ସହ ରାସ୍ତା ଅବରୋଧ କରି ବାଟୋଇଙ୍କଠାରୁ ଖୁଚୁରା ପଇସା (ଚଇତି ଇନାମ) ଆଦାୟ କରନ୍ତି। ଶିକାର ଧରି ପୁରୁଷ ଫେରିବା ପରେ ମହିଳାମାନେ ଗୀତନାଚରେ ସ୍ୱାଗତ କରନ୍ତି। ବଡ଼ବେଣ୍ଟ ପରଦିନ ସମସ୍ତେ ହୁଣ୍ଡିପୀଠରେ ଜମା ହୁଅନ୍ତି। ସେଠାରେ ମହିଳାଙ୍କ ମଧ୍ୟରେ ଡାଲ ସମ୍ବର ପ୍ରଥା ଅନୁଷ୍ଠିତ ହୁଏ। ଏହି ପରବ ଶେଷ ହେଲେ ହୁଣ୍ଡିରେ ପୂଜା ପାଉଥିବା ବିହନକୁ ପୂଜାରୀ ଜମିରେ ବୁଣିଥାନ୍ତି।

# କାନ୍ଥ ଭୁଶୁଡ଼ି ନାବାଳିକା ମୃତ

ଜୟପୁର,୧୮।୪(ନି.ପ୍ର.)

ଜୟପୁର ଇରିଗେସନ କଲୋନିର ଯମୁନାଗୁଡ଼ାରେ ଘର କାନ୍ଥ ଭୁଶୁଡି ୫ ବର୍ଷର ଶିଶୁକନ୍ୟା ପ୍ରାଣ ହରାଇଛି। ମୃତ ନାବାଳିକା ହେଲେ ଅଜୟ ଖରାଙ୍କ ଝିଅ ସ୍ନେହା ଖରା। ସେ ସକାଳୁ ଘରୁ ବାହାରିବା ସମୟରେ କାନ୍ଥ ପଡ଼ିଯାଇଥିଲା । ପରିବାର ଲୋକେ ସ୍ନେହାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଟାଉନ ପୋଲିସ ପହଞ୍ଚି ତଦନ୍ତ କରୁଛି ।

# ଗାଡ଼ି ସହ କାଠପଟା ଜବତ



ଜବତ ହୋଇଥିବା ଟାଟା ମ୍ୟାଜିକ୍ ଓ କାଠପଟା ।

ବୈପାରୀଗୁଡ଼ା,୧୮।୪(ଡି.ଏନ୍.ଏ.)

ଚୋରାରେ କାଠ ଚାଲାଣ ବେଳେ ବୈପାରୀଗୁଡ଼ା ବନ ବିଭାଗ ଚଢ଼ାଉ କରି ଏକ ଟାଟା ମ୍ୟାଜିକ (ଓଆର୍ ଏଚ ୦୪୮୦) ସହ ୧୨ ଖଣ୍ଡ ବିଜାପଟା ଓ ୪ ଖଣ୍ଡ ଶାଳ ସାଇଜ୍ କାଠ ଜବତ କରିଛି। ବୁଧବାର ସନ୍ଧ୍ୟାରେ ଦଶମନ୍ତପୁର-ମହନ୍ତପୁଟ ରାସ୍ତାରେ ବନ ବିଭାଗ ଡେରା ପକାଇଥିବା ବେଳେ କାଠ ବୋଝେଇ ଉକ୍ତ ଗାଡ଼ି ସେହି ବାଟ ଦେଇ ଆସୁଥିଲା। ତେବେ ବନ ବିଭାଗ କର୍ମଚାରୀଙ୍କୁ ଦେଖି ୨ ଅଭିଯୁକ୍ତ ଗାଡ଼ିଟିକୁ ବାରିହାଗୁଡ଼ା ନିକଟରେ ରଖି ଚମ୍ପଟ ମାରିଥିଲେ । ଏହାପରେ ଗାଡ଼ି ସହ କାଠପଟାକୁ ଜବତ କରାଯାଇଛି । ଜବତ କାଠର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ । ଗାଡ଼ିର ମାଲିକଙ୍କ ସଂପର୍କରେ ତଥ୍ୟ ଯୋଗାଡ଼ କରିବା ପରେ ତାଙ୍କ ବିରୋଧରେ ମାମଲା ରୁଜୁ କରାଯିବ ବୋଲି ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ରାଉତ କହିଛନ୍ତି।

# ଅଭାବୀ ଭିତ୍ତିଭୂମିରେ ଚାଲିଛି ଆଦର୍ଶ ବିଦ୍ୟାଳୟ

ଲକ୍ଷ୍ମୀପୁର,୧୮।୪(ଡି.ଏନ୍.ଏ.)

■ଆବଶ୍ୟକ ଶିକ୍ଷକ ନାହାନ୍ତି ୱାର୍ଡ଼େନ ପଦବୀ ଖାଲି

■ଛାତ୍ରୀ ନିବାସରେ ପାଣି, ବିଜୁଳି ସମସ୍ୟା

ଲକ୍ଷ୍ମୀପୁର ବ୍ଲକ ଗୌଡ଼ଗୁଡ଼ାଠାରେ ଥିବା ଆଦର୍ଶ ବିଦ୍ୟାଳୟ ବହୁ ସମସ୍ୟା ଦେଇ ଗତି କରୁଛି । ବିଦ୍ୟାଳୟ ପ୍ରତିଷ୍ଠା ୨୦୧୬ରେ ହୋଇଥିଲେ ମଧ୍ୟ ଏଯାବତ୍ ଅନେକ ମୌଳିକ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଅଭିଭାବକଙ୍କ କହିବା ଅନୁଯାୟୀ ଆଦିବାସୀ ଅଞ୍ଚଳରେ ଇଂରାଜୀ ମାଧ୍ୟମରେ ପିଲାଙ୍କୁ ଶିକ୍ଷାଦାନ ଦିଆଯିବ ଭାବି ଅଞ୍ଚଳବାସୀ ବହୁତ ଖୁସି ହୋଇଥିଲେ । ଅନେକ ଆଦିବାସୀ ପରିବାର ସେମାନଙ୍କ ପିଲାଛୁଆଙ୍କୁ ଏଠାରେ ଦାଖଲ କରାଇଥିଲେ।

ବର୍ତ୍ତମାନ ଏଠାରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୩୫ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। କିନ୍ତୁ ଭିତ୍ତିଭୂମି ଅଧାପନ୍ତରିଆ ଥିବାରୁ ଅଭିଭାବକମାନେ ନିରାଶ ହୋଇ ପିଲାଛୁଆଙ୍କୁ ସ୍ଥାନାନ୍ତର କରିବାକୁ ବାଧ୍ୟ ହେଉଛନ୍ତି। ଆବଶ୍ୟକ ଶିକ୍ଷକ ପଦବୀ ପୂରଣ ହେଉନାହିଁ। କମ୍ପ୍ୟୁଟର ଉପକରଣ ନ ଥିବାରୁ ଛାତ୍ରୀଛାତ୍ର କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ୩୦ କିମି ଦୂରରୁ ଛାତ୍ରୀଛାତ୍ର ଯିବାଆସିବା କରୁଥିବା ବେଳେ ଖରାପ ଆର୍ଥିକ ସ୍ଥିତି ପାଇଁ ଆଉ ଖର୍ଚ୍ଚାନ୍ତ ହୋଇ ନପାରି ସ୍କୁଲ ଛାଡୁଛନ୍ତି ବୋଲି ଅଧକ୍ଷା ଶୁଭଶ୍ରୀ ନାୟକ କହିଛନ୍ତି। ଏଥର ୭୨ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ୪ ଜଣ ଏହା ଦେଇ ପାରିନାହାନ୍ତି । ଏହାର କାରଣ ଅସ୍ପଷ୍ଟ ରହିଛି । ୨୧ ଜାନୁୟାରୀରେ ୧୦୦ ଶଯ୍ୟାବିଶିଷ୍ଟ ହଷ୍ଟେଲ ଉଦ୍‌ଘାଟିତ ହୋଇଥିଲେ ମଧ ସେଠାରେ ଏବେ ପାଚେରି ନ ଥିବା ଯୋଗୁ ଗାଈଗୋରୁ, କୁକୁର ପଶୁଛନ୍ତି। ଛାତ୍ରୀ ନିବାସର ୱାର୍ଡ଼େନ ପଦବୀ ପୂରଣ ହୋଇନାହିଁ। ଶିକ୍ଷୟିତ୍ରୀମାନେ ଏହି ଦାୟିତ୍ୱ ତୁଲାଉ ଥିବାରୁ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଛାତ୍ରୀ ନିବାସକୁ ବିଦ୍ୟୁତ୍ ସଂଯୋଗ ଠିକ୍ ଭାବରେ ହୋଇନାହିଁ। ପାନୀୟ ଜଳ ମୁଖ୍ୟ ସମସ୍ୟା। ଛାତ୍ରୀ ନିବାସର ଗୋଟିଏ ବ୍ଲକ କାମ କରୁନାହିଁୟ। ଶୌଚାଳୟରେ ପାଣି ସମସ୍ୟା ଥିବାରୁ ଛାତ୍ରୀମାନେ ନିତ୍ୟକର୍ମ ପାଇଁ ବାହାର ନାଳ ଉପରେ ନିର୍ଭର କରୁଛନ୍ତି। ଛାତ୍ରୀଙ୍କୁ ପ୍ରସାଧନ ସାମଗ୍ରୀ ମିଳୁନାହିଁ। ଅଧକ୍ଷା ଶୁଭଶ୍ରୀ ନାୟକ କହିଛନ୍ତି, ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ ଏ ସମସ୍ୟାର ସମାଧାନ କରାଯାଉ ନାହିଁ। ଜିଲା ଶିକ୍ଷାଧିକାରୀ ପ୍ରମୋଦ ପଣ୍ଡାଙ୍କୁ ଏହି ସମସ୍ୟା ଉପରେ ପଚାରିବାରୁ ସେ କହିଲେ ଯେ, ବର୍ତ୍ତମାନ ସାଧାରଣ ନିର୍ବାଚନ ଚାଲିଛି। ଗ୍ରୀଷ୍ମଛୁଟି ପରେ ଏହି ସମସ୍ୟାର ସମାଧାନ ହେବ।

# ଅବକାରୀ ଚଢ଼ାଉ, ୨ ଗିରଫ

କୋରାପୁଟ,୧୮।୪(ସ୍ୱ.ପ୍ର.)

କୋରାପୁଟ ଜିଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ଲକ୍ଷ୍ମୀପୁର ଅବକାରୀ ନିରୀକ୍ଷକ ଭବାନି ଶଙ୍କର ସେଠୀଙ୍କ ନେତୃତ୍ୱରେ ଅବକାରୀ ଓ ପୋଲିସ ଦଳ ଚାରଡା ଓ କୁଟୁନିପଦର ଗ୍ରାମରେ ଚଢ଼ାଉ କରିଛନ୍ତି। ଏଥିରେ ୨୫ ଲିଟର ମଦ ଜବତ କରାଯିବା ସହ ୨ ଜଣଙ୍କୁ ଗିରଫ କରାଯାଇଛି। ଏମାନଙ୍କୁ ପରେ ଲକ୍ଷ୍ମୀପୁର କୋର୍ଟ ଚାଲାଣ କରାଯାଇଛି । ଚଢ଼ାଉରେ ଏଏସ୍‌ଆଇ ହରିବନ୍ଧୁ ଗୌଡ଼, ଦୟାନନ୍ଦ ସାଆନ୍ତା, ରାମ ବଡ଼ନାୟକ, ଅମରନାଥ ବିଷୋୟୀ, କପିଳ ସାହୁ ସାମିଲ ଥିଲେ। ଚାରଡା ଓ କୁଟୁନିପଦରରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ପୋଚ ନଷ୍ଟ କରାଯାଇଥିଲା। ଚାରଡାରୁ ମଙ୍ଗଳଦାନ ହିଆଲଙ୍କୁ ଗିରଫ କରାଯାଇ ତାଙ୍କଠାରୁ ୫ ଲିଟର ମଦ ଜବତ କରାଯାଇଛି । ସେହିପରି କୁଟୁପଦର ଗ୍ରାମର ବାବାଲା ବାଘଙ୍କୁ ଗିରଫ ସହ ତାଙ୍କ ନିକଟରୁ ୨୦ ଲିଟର ସଲପ ଜବତ ହୋଇଛି।

# କାର୍-ଅଟୋ ଧକ୍କା, ୨ ଗୁରୁତର

ଦଶମନ୍ତପୁର/କୋରାପୁଟ, ୧୮।୪(ସ୍ୱ.ପ୍ର./ଡି.ଏନ୍.ଏ.)

କୋରାପୁଟ-ପୋଡ଼ାଗଡ଼ ରାସ୍ତାର ଅମିନଗୁଡ଼ାରେ ଗୁରୁବାର ମଧ୍ୟାହ୍ନରେ ଏକ ମାରୁତି ୮୦୦ ସହ ଅଟୋ ମୁହାଁମୁହିଁ ଧକ୍କା ଘଟିଛି। ଫଳରେ ଉଭୟ ଗାଡ଼ିର ଡ୍ରାଇଭର ଗୁରୁତର ହୋଇଛନ୍ତି। ସେମାନଙ୍କୁ ଡୋଙ୍ଗ୍ରୀ ଓ ଅମିନଗୁଡ଼ା ଗ୍ରାମର ଲୋକେ କୋରାପୁଟ ମେଡିକାଲରେ ଭର୍ତ୍ତି କରିଥିଲେ। କୋରାପୁଟରୁ ୧୦ କିମି ଦୂରରେ ଏହି ଦୁର୍ଘଟଣା ଘଟିଛି। କୋରାପୁଟରୁ ପୋଡ଼ାଗଡ଼ ଆଡ଼କୁ ଯାଉଥିବା କାର୍ (ଓଆର ୧୦ଏ ୮୩୪୧) ସହ ବିପରୀତ ଦିଗରୁ ଆସୁଥିବା ଅଟୋ (ଓଡି ୧୦ଏଲ୍ ୯୧୩୩) ମଧ୍ୟରେ ମସ୍ତିପୁଟ ପଞ୍ଚାୟତ ଅମିନଗୁଡ଼ା ପୋଲ ନିକଟରେ ଦୁର୍ଘଟଣା ହେବା ଦ୍ୱାରା ଉଭୟ ଗାଡ଼ି ଭାଙ୍ଗିରୁଜି ଯାଇଛି।



ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇଥିବା ଅଟୋ ।

# ବଡ଼ବେଣ୍ଟରେ ଜମିଲା ଢେମ୍‌ସା, ଦେଶିଆ ନାଟ

ବୈପାରୀଗୁଡ଼ା,୧୮।୪(ଡି.ଏନ୍.ଏ.)

ବୈପାରୀଗୁଡ଼ା ବ୍ଲକ ବାତ୍ରୀପୁଟ ଗ୍ରାମରେ ବୁଧବାର ରାତିରେ ଚୈତ୍ର ପରବ ବଡ଼ବେଣ୍ଟ ପାଳିତ ହୋଇଛି। ଏହି ଅବସରରେ ଗ୍ରାମର ଠାକୁରାଣୀ ହୁଣ୍ଡିପୀଠରେ ପୂଜାର୍ଚ୍ଚନା ସହ ଢେମସା ନୃତ୍ୟ ପରିବେଷଣ କରାଯାଇଥିଲା । ଗାଁର ପୁରୁଖା ବ୍ୟକ୍ତି ଭୀମ କୁମ୍ଭାରଙ୍କ ଅଧ୍ୟକ୍ଷତାରେ ଚଇତ ପରବ ଭେଟଘାଟ ଅନୁଷ୍ଠିତ ହୋଇଥିଲା । ଏଥିରେ ବୈପାରୀଗୁଡ଼ା ସରପଞ୍ଚ ଭାଗୀରଥି ମୁର୍ଜିଆଙ୍କ ସମେତ ବୈପାରୀଗୁଡ଼ା ଗ୍ରାମର ଆଇନଜୀବୀ ପ୍ରସନ୍ନ ଗୌଡ଼, ବିଜେଡି ନେତା ଜଗଦିଶ ଜେନା, ଭାଜପା ନେତା ଏ. ତ୍ରିନାଥ ରାଓ, ଏନ୍. ହରିପ୍ରସାଦ, ନଟ ପଟ୍ଟନାୟକ, ଭାସ୍କର ଚନ୍ଦ୍ର ବେହେରା, ମନୋଜ ନାୟକ ଯୋଗ ଦେଇଥିଲେ। ଅତିଥିମାନଙ୍କୁ ପାରମ୍ପରିକ ଶୈଳୀରେ ଅଭ୍ୟର୍ଥନା ଦିଆଯାଇଥିଲା। ବୈଠକରେ ହୁଣ୍ଡି ମନ୍ଦିରର ବିକାଶ ସଂପର୍କରେ



ଚଇତ ପର୍ବ ଭେଟ୍‌ଘାଟ୍ ଚାଲିଛି ।

ଆଲୋଚନା ହୋଇଥିଲା । ଏହି ଅବସରରେ ଗାଁର ହୁଣ୍ଡି ଠାକୁରାଣୀ ପୂଜକ ଭୁବନ ପୂଜାରୀ, ଚଲାଣ ସନିଆ ଚଲାଣ, ଗାଁ ନାୟକ ଜିନୁ ନାୟକ, ହୁଣ୍ଡି ଦିଶାରୀ କୃନ୍ତ ଭୂମିଆ ତଥା ବିଭିନ୍ନ ସମୟରେ ଗ୍ରାମର ସମସ୍ୟାକୁ ନେଇ ଖବର ପ୍ରକାଶ କରିଥିବା ଖବରଦାତା ପ୍ରତିନିଧି କଳ୍ପତରୁ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା । ରାତିରେ ସ୍ଥାନୀୟ ଲୋକେ ଦେଶିଆ ନାଟର ଭରପୁର ମଜା ନେଇଥିଲେ । ମନ୍ଦିର ପରିଚାଳନା କମିଟି ସଦସ୍ୟ ଟଙ୍କଧର ଗୌଡ଼, ମଙ୍ଗଳା ପୂଜାରୀ, ଦେବ ପୂଜାରୀ, ମାଧବ ପରଜା, କମଲୁ କୁମ୍ଭାର ଏହାର ନେତୃତ୍ୱ ନେଇଥିଲେ।

# ଚାଷ ଉଜାଡୁଛି ପଥର କ୍ୱାରି, କ୍ରଶର

ନନ୍ଦପୁର,୧୮।୪(ଡି.ଏନ୍.ଏ.)

ନନ୍ଦପୁର ବ୍ଲକ ଘାଗ ଗ୍ରାମ ନିକଟରେ ଏକ ପଥର କ୍ୱାରି ସହ କ୍ରସର ଚାଲୁଥିବା ଯୋଗୁଁ ବିଭିନ୍ନ ସମସ୍ୟା ଉପୁଜୁଥିବା ସ୍ଥାନୀୟ ଗ୍ରାମବାସୀ ଗତ ରବିବାର ନନ୍ଦପୁର ଥାନାରେ ଏତଲା ଦେଇଛନ୍ତି। ପ୍ରତିଦିନ ବ୍ଲାଷ୍ଟିଂ ଯୋଗୁଁ ଘର ଭିତ୍ତି ଦୋହଲିଯିବା ସହ କାନ୍ଥ ଫାଟି ଯାଉଛି। ଶବ୍ଦ ପ୍ରଦୂଷଣ ବଢ଼ିବାରେ ଲାଗିଛି। ପଥର ଗୁଣ୍ଡ ଉଡ଼ି ନିକଟସ୍ଥ ବଗିଚାର କାଜୁଚାଷ ନଷ୍ଟ ହେଉଛି। ଏଥିସହ ଜମି ଉପରେ ପଥର ଗୁଣ୍ଡ ପଡ଼ିବାରୁ ଦୁଇବର୍ଷ ହେଲା ଚାଷ ପ୍ରଭାବିତ ହେଉଛି। ବର୍ଷା ହେଲେ ଏହି ପଥର ଗୁଣ୍ଡ ବୋହିଯାଇ ପ୍ରାୟ ୩୦୦ ଏକର ଜମିକୁ ଚାଷ ଅନୁପଯୋଗୀ କରିବା ପରିସ୍ଥିତି ସୃଷ୍ଟି ହେଲାଣି। ଏହି ସମସ୍ୟା ବିଷୟରେ ଖାଦାନ କର୍ମଚାରୀଙ୍କୁ ଜଣାଇଲେ ସେମାନେ ହତ୍ୟା ଏବଂ ଗାଁକୁ



ବେଆଇନ ଭାବେ ଚାଲିଥିବା ପଥର କ୍ୱାରି ।

ବ୍ଲାଷ୍ଟ କରିଦେବା ଧମକ ଦେଉଛନ୍ତି। ଏ ବିଷୟ ଏତଲାରେ ଉଲ୍ଲେଖ କରିଛନ୍ତି ଗ୍ରାମବାସୀ। ଦୁଇ ବର୍ଷ ତଳେ ହୋଇଥିବା ଏହି ପଥର ଖାଦାନ ସହ କ୍ରଶରକୁ ଆନ୍ଧ୍ରର ଏକ କମ୍ପାନୀ ପରିଚାଳନା କରୁଛି। ଏହି କ୍ରଶରକୁ ନେଇ ଅତୀତରେ ଅନେକ ଥର ଅଞ୍ଚଳବାସୀ ବିରୋଧ କରିଆସୁଛନ୍ତି। ବର୍ତ୍ତମାନ ମଧ ଏହାକୁ ନେଇ ବିରୋଧ ଲାଗି ରହିଛି। କିନ୍ତୁ ଯେଉଁମାନେ ସ୍ୱର ଉତ୍ତୋଳନ କରୁଛନ୍ତି, ସେମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଇ ଚୁପ୍ କରାଇ ଦିଆଯାଉଛି। ଗତ ବର୍ଷ ରାଜସ୍ୱ

■ଥାନାର ଦ୍ୱାରସ୍ଥ ହେଲେ ଲୋକେ

■୩୦୦ ଏକର ଚାଷଜମି ପ୍ରଭାବିତ

■ପରିବେଶ ମଞ୍ଜୁରୀ ନଥାଇ ଚାଲିଛି କ୍ୱାରି, କ୍ରଶର

ବିଭାଗକୁ ମଧ ଅନେକ ଥର ଅଭିଯୋଗ ଦିଆଯାଇଛି। କିନ୍ତୁ ଅଧିକାରୀମାନେ ଏହାକୁ ଚପାଇ ଆସୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପରିବେଶ ମଞ୍ଜୁରୀ ନ ଥାଇ ଉକ୍ତ ଖାଦାନ ଏବଂ କ୍ରଶର ଚାଲୁଥିବା ଅଭିଯୋଗ ପରେ ଗତ ବର୍ଷ ଉପଜିଲାପାଳଙ୍କ ନିର୍ଦ୍ଦେଶରେ ଏହାକୁ ସିଲ କରାଯାଇଥିଲା। ବର୍ତ୍ତମାନ ପୁଣି ସେହି ସମସ୍ୟା ନେଇ ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।



ମୃତଦେହ ନିକଟରେ ଲୋକମାନେ ଜମା ହୋଇଛନ୍ତି।

# ବିଦ୍ୟୁତ ଆଘାତରେ ଯୁବକଙ୍କ ମୃତ୍ୟୁ

## କ୍ଷତିପୂରଣ ଦାବିରେ ଉତ୍ତେଜନା

ପାପଡାହାଣ୍ଡି,୧୮।୪(ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଖୁଟୁବାଇ ପଞ୍ଚାୟତ ଛାଲିପେଟା ଗ୍ରାମରେ ଗୁରୁବାର ବିଦ୍ୟୁତ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ଯୁବକ ଜଣକ ହେଉଛନ୍ତି କଚିଆଗୁଡା ଗାଁର ମନ କାତି । ଆମିଲିପଦର ଠାରେ ବିଦ୍ୟୁତ ମରାମତି କରି ମନ ଛାଲିପେଟା ଗାଁ ମୁଣ୍ଡରେ ଥିବା ଖୁଣ୍ଟରେ ଚଢି ବିଦ୍ୟୁତ ତାର ମରାମତି କରିଥିଲେ। ହଠାତ ତାରରେ ବିଦ୍ୟୁତ ଚାର୍ଜ ହୋଇଯିବାରୁ ତାଙ୍କର ପ୍ରାଣ ବାୟୁ ଉଡିଯାଇଥିଲା । ଛାଲିପେଟାରୁ ମନଙ୍କ ବାପା ଅସ୍ତୁ କାତି ଓ ମା' ନବୀନା କାତି ଘଟଣାସ୍ଥଳରେ ପହଞ୍ଚିଥିଲେ । ଏହି ଖବର ଚାରିଆଡେ ବ୍ୟାପି ଯିବା ପରେ କିଏ ବିଦ୍ୟୁତ ଚାର୍ଜ କଲା ସେ ନେଇ ଉତ୍ତେଜନା ଦେଖାଦେଇଥିଲା। କୋଡ଼ିଙ୍ଗା ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଲୋକମାନେ କ୍ଷତିପୂରଣ ଦାବି କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଛାଡି ନ ଥିଲେ। ପାପଡାହାଣ୍ଡି କନିଷ୍ଠ ଯନ୍ତ୍ରୀ ସନ୍ତୋଷ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ମନ ବିଦ୍ୟୁତ ବିଭାଗର କର୍ମଚାରୀ ନୁହନ୍ତି। ସ୍ଥାନୀୟ ଅଞ୍ଚଳ ଦାୟିତ୍ୱରେ ଥିବା ବିଦ୍ୟୁତ କର୍ମଚାରୀଙ୍କ ମୋବାଇଲ ସୁଇଚ ଅଫ ରହିଛି। ସେମାନଙ୍କ ସହ ଯୋଗାଯୋଗ ହୋଇପାରୁ ନଥିବାରୁ ଘଟଣା ସମ୍ପର୍କରେ ସଠିକ ଜଣାପଡୁ ନାହିଁ ବୋଲି କହିଥିଲେ। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଉତ୍ତ୍ୟକ୍ତ ଲୋକମାନେ କ୍ଷତିପୂରଣ ଦାବି କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଛାଡି ନ ଥିଲେ।




# ନିର୍ବାଚନ ପରେ ବିଭିନ୍ନ ଦଳର ଅଙ୍କକଷା

## ହାରଜିତ୍‌କୁ ନେଇ ସବୁଠି ଚର୍ଚ୍ଚା

ନବରଙ୍ଗପୁର,୧୮।୪(ବି.ପ୍ର)

ଚଳିତ ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଗତ ୧୧ତାରିଖରେ ଶେଷ ହୋଇଛି। ଏହା ପରେ ଲୋକସଭା ଓ ବିଧାନସଭା ନିର୍ବାଚନକୁ ନେଇ ବିଭିନ୍ନ ଦଳ ଓ ଭୋଟରଙ୍କ ମଧ୍ୟରେ ଅଙ୍କକଷା ଆରମ୍ଭ ହୋଇଛି। ଛକ, ଗାଁ ବଜାରରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ସମସ୍ତ ରାଜନୈତିକ ଦଳ ସେମାନଙ୍କ ସପକ୍ଷରେ ଭୋଟ ଯାଇଥିବା ଦାବି କରୁଥିବାବେଳେ କେଉଁ ଆସନରୁ କିଏ କେତେ ଭୋଟ ପାଇବେ ତାର ଆକଳନ କରାଯାଉଛି । ଜିଲାରେ ଭାଜପା, ବିଜେଡି ଓ କଂଗ୍ରେସ ମଧ୍ୟରେ ତ୍ରିମୁଖି ପ୍ରତିଦ୍ୱନ୍ଦ୍ୱିତା ହୋଇଛି । ନବରଙ୍ଗପୁର ଲୋକସଭା ଆସନରେ ଭାଜପା ପ୍ରାର୍ଥୀ ବଳଭଦ୍ର ମାଝି , ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ମାଝି ଓ କଂଗ୍ରେସ ପ୍ରାର୍ଥୀ ପ୍ରଦୀପ ମାଝିଙ୍କ ମଧ୍ୟରେ ଟକ୍କର ହୋଇଛି । ଭାଜପା ପକ୍ଷରୁ ଚଳିତ ନିର୍ବାଚନରେ ବିଜୟ ନେଇ ଦୃଢୋକ୍ତି ପ୍ରକାଶ ପାଇଛି। ମୋଦି ହାୱାକୁ ଯୁବ ଓ ଶିକ୍ଷିତ ଭୋଟର ଏଥର ଅଧିକ ଗୁରୁତ୍ୱ ଦେଇଥିବାରୁ ଏହା ଭାଜପା ପାଇଁ ସହାୟକ ହେବ ବୋଲି କୁହାଯାଉଛି। ମହିଳାଙ୍କ ପାଇଁ ଉଜ୍ୱଳା ଯୋଜନା, ଅଙ୍ଗନୱାଡୀ କର୍ମୀ ଓ ସହାୟିକାଙ୍କ ଦରମା ବୃଦ୍ଧି ଘୋଷଣା ଫଳରେ ମହିଳା ଭୋଟ ଅଧିକ ମିଳିଥିବା ନେଇ ଭାଜପା ଆଶା ବାନ୍ଧିଛି । ରାଜ୍ୟ ସରକାରଙ୍କ ସଫଳତା, ସ୍ୱୟଂ ସହାୟିକା ଗୋଷ୍ଠୀ, ଚାଷୀ, ଯୁବ ଭୋଟ ଦ୍ୱାରା ସଫଳତା ପାଇବ ବୋଲି ବିଜେଡି ଆଶା ରଖିଛି। କଂଗ୍ରେସ ତାହାର ପକେଟ ଭୋଟ ସହ ଭାଜପା ଓ ବିଜେଡି କନ୍ଦଳର ଫାଇଦା ନେବ । ଏଥିସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିପକ୍ଷରେ ମତଦାନ କଂଗ୍ରେସର ଭୋଟ ହାର ବୃଦ୍ଧି ହୋଇଛି ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷେ ବିଏସପି ପ୍ରାର୍ଥୀ ଚନ୍ଦ୍ରଧ୍ୱଜ ମାଝୀ ପ୍ରମୁଖ ତିନିଦଳ ପାଇଁ ନିର୍ଣ୍ଣାୟକ ହୋଇ ପାରନ୍ତି । କଂଗ୍ରେସ ଓ ବିଜେଡିର ଭୋଟ ବିଭାଜନ ବିଏସପି କରି ଆସୁଥିବାରୁ ତାହା ଭାଜପାକୁ ସୁହାଇବ । ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀର ୭ଟି ବିଧାନସଭା ମଣ୍ଡଳୀରେ ତିନୋଟି ଦଳ ଭିତରେ ଗୋଷ୍ଠୀକନ୍ଦଳ ରହିଥିବାରୁ ଅସନ୍ତୁଷ୍ଟମାନେ ଦଳୀୟ ପ୍ରାର୍ଥୀଙ୍କୁ ମଧ୍ୟ ସମର୍ଥନ ନକରି ବିପକ୍ଷ ଦଳର ପ୍ରାର୍ଥୀଙ୍କ ସହ ଭିତିରିଆ ବୁଝାମଣା କରିଥିବା ନେଇ ଚର୍ଚ୍ଚା ହେଉଛି । ଦଳଭିତରେ ବିଶ୍ୱାସ ଘାତକ ସବୁଦଳକୁ ମହଙ୍ଗା ପଡୁଥିବାବେଳେ ଏହା ପ୍ରାର୍ଥୀଙ୍କ ବିଜୟୀ ସମ୍ଭାବନାକୁ ଓଲଟପାଲଟ କରିବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି। କିନ୍ତୁ ସାମାନ୍ୟ ତାରତମ୍ୟରେ ବିଜୟୀ ହେବାକୁ ଥିବା ପ୍ରାର୍ଥୀଙ୍କୁ ନୋଟା ଭୋଟର ନିରୁତ୍ସାହିତ ମଧ୍ୟ କରିବ ବୋଲି ଆଲୋଚନା ହେଉଛି । ତେବେ ଆସନ୍ତା ମେ ୨୩ ତାରିଖରେ ଭୋଟଗଣତି ପରେ ଫଳାଫଳ ହିଁ ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇବ।




# ୨ ବାଇକ ମଧ୍ୟରେ ଧକ୍କା: ୨ ମୃତ

ଡାବୁଗାଁ, ୧୮।୪ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ବିରିଶୋଲା ଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ୨ଟି ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଆହତ ହୋଇଛନ୍ତି । ମୃତକମାନେ ହେଲେ ରାଇଘରର ପ୍ରଣୟ କୁମାର ଭୂୟାଁ (୨୭) ଓ ଧାନଡଙ୍ଗରି ଗ୍ରାମର ବଂଶୀ ଭତରା(୨୧)। ନବରଙ୍ଗପୁର ଆଡୁ ପ୍ରଣୟ ନିଜ ଘର ରାଇଘର ଅଭିମୁଖେ ବାଇକରେ (ନଂ. ଓଡି୧୦ ଏଚ୯୧୯୧) ଆସୁଥିଲେ। ଏହି ସମୟରେ ଡାବୁଗାଁ ଆଡୁ ଧାନଡଙ୍ଗରି ଗ୍ରାମର ବଂଶୀ ଭତରା, ଉମୁରାହାଣ୍ଡି ଗ୍ରାମର ମାଧବ ଭତରା (୫୦) ଓ ବଳି ଭତରା (୩୫) ବାଇକ (ନଂ ଓଡି ୨୪ଏ୩୯୮୩) ଯୋଗେ ପାପଡାହାଣ୍ଡି ଯାଉଥିଲେ। ଡାବୁଗାଁ– ପାପଡାହାଣ୍ଡି ୩୯ ନଂ ରାଜ୍ୟ ରାଜପଥ ଗିରିଶୋଲା ଛକ ନିକଟରେ ୨ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ପ୍ରଣୟ ଓ ବଂଶୀଙ୍କ ମୃତ୍ୟୁ ଘଟିଥିଲା। ମାଧବ ଓ ବଳି ଗୁରୁତର ହୋଇଥିଲେ। ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରେ ସବଇନ୍ସପେକ୍ଟର ରଙ୍କନିଧି ସାହୁ ପହଞ୍ଚି ତଦନ୍ତ କରୁଛନ୍ତି।

# ହେଉନି ଅଂଶୁଘାତ ମୁକାବିଲା ପ୍ରସ୍ତୁତି

## ବଢୁଛି ତାତି, ଖୋଲୁନି ଜଳଛତ୍ର

ନବରଙ୍ଗପୁର,୧୮।୪(ବି.ପ୍ର)

ବଢୁଛି ଗ୍ରୀଷ୍ମ ପ୍ରବାହ । ତାତିରେ ଜନସାଧାରଣ କଳବଳ। ତଥାପି ବିଭିନ୍ନ କାର୍ଯ୍ୟରେ ଲୋକମାନେ ବାହାରକୁ ବାହାରୁଛନ୍ତି। କିନ୍ତୁ ପଥିକଙ୍କୁ ରାସ୍ତା ଘାଟରେ ପାଣି ଯୋଗାଇବା ପାଇଁ ପ୍ରଶାସନ ପକ୍ଷରୁ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଜଳଛତ୍ର ଖୋଲାଯାଇ ନାହିଁ। ଗାଁରୁ ପଞ୍ଚାୟତ ଓ ସହରକୁ ଆସୁଥିବା ଲୋକମାନେ ରାସ୍ତାରେ ପାଣି ମୁନ୍ଦାଏ ପାଇଁ ତହଲ ବିକଳ ହେଉଛନ୍ତି । ପଞ୍ଚାୟତ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ମାର୍ଚ୍ଚ ଶେଷ ଆଡକୁ ଜଳଛତ୍ର ଗୁଡିକ ଖୋଲୁଥିଲେ । ଏଥର କିନ୍ତୁ ଏଥିରେ ବ୍ୟତିକ୍ରମ ଘଟିଛି । ଅଂଶୁଘାତ ନେଇ ପ୍ରାକ ପ୍ରସ୍ତୁତି ବୈଠକ ଏଯାଏ ହୋଇ ପାରିଲା ନାହିଁ । ପ୍ରଶାସନ ପକ୍ଷରୁ ଖୋଲାଯାଉଥିବା ଜଳଛତ୍ର ନିକଟରେ ଓଆରଏସ ମଧ୍ୟ ରଖା ଯାଉଥିଲା । ତାହା ମଧ୍ୟ ହୋଇ ପାରିଲା ନାହିଁ । ଅନ୍ୟ ପକ୍ଷେ ଶ୍ରମିକମାନଙ୍କୁ ଖରାରେ କାର୍ଯ୍ୟକରିବେ ନାହିଁ ବୋଲି ସରକାରୀ ନିୟମ ରହିଥିଲେ ମଧ୍ୟ ଟାଣ ଖରାରେ ଶ୍ରମିକମାନେ କାର୍ଯ୍ୟ କରୁଛନ୍ତି । ଏନେଇ ପ୍ରଶାସନର ଦୃଷ୍ଟି ଅଢୁଆଳରେ ଚଳିତ ବର୍ଷ ଜଳଛତ୍ର ଓ ଅଂଶୁଘାତ ମୁକାବିଲା କାର୍ଯ୍ୟକ୍ରମ ଅଟକି ରହିଛି ।

■ନିୟନ୍ତ୍ରିତ ବଜାର କମିଟି ସମ୍ପାଦକଙ୍କୁ ଦୁର୍ବ୍ୟବହାର ଘଟଣା

# ବିଭିନ୍ନ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ଚେତାବନୀ

ନବରଙ୍ଗପୁର,୧୮।୪ (ବି.ପ୍ର.)

ନବରଙ୍ଗପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଅବକାଶ ବେହେରାଙ୍କୁ ମାଡ ମାରିବା ଓ ଜାତିଆଣ ନେଇ ଗାଳିଗୁଲଜ କରିବା ଘଟଣାକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ନିନ୍ଦା କରାଯାଇଛି। ଏଥିସହ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ଲୋକନାଥ ପାଳଙ୍କୁ ପୋଲିସ କାହିଁକି ଗିରଫ କରି କୋର୍ଟ ଚାଲାଣ କଲା ନାହିଁ ବୋଲି ବିଭିନ୍ନ ଜନଜାତି ସଙ୍ଗଠନ ପ୍ରଶ୍ନ କରିଛନ୍ତି। ଜଣେ ଶିକ୍ଷିତ ଓ ଭଦ୍ର ଲୋକ ହୋଇ ସମ୍ପାଦକଙ୍କୁ ଟଙ୍କା ମାଗିବା ଓ ତାଙ୍କ ଜାତିଆଣକୁ ନେଇ ଗାଳି କରିବା ଘଟଣାକୁ ତୀବ୍ର ବିରୋଧ କରାଯାଉଛି । ନବରଙ୍ଗପୁର ଜିଲା ଦଳିତ ଜାତି ବିକାଶ ପରିଷଦ, ବହୁଜନ ମୁକ୍ତି ମୋର୍ଚ୍ଚା ଓ ଜିଲାର ଅନୁସୂଚିତ ଜାତି ଓ ଜନଜାତି ସଙ୍ଗଠନ ମିଳିତ ଭାବେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଅବିଭକ୍ତ କୋରାପୁଟ ଜିଲା ମୂଳ ନିବାସୀ ବିକାଶ ପରିଷଦ ଚନ୍ଦ୍ର ଧ୍ୱଜ ମାଝି, ଭଗବାନ ବୈରାଗୀ, ନରହରି ନାୟକ, ଜଗନ୍ନାଥ ବାଘେ, ତ୍ରିନାଥ କୂଳଦୀପ, ରଞ୍ଜିତ ନାୟକ , ଚିଙ୍ଗା ଭତ୍ରା ପ୍ରମୁଖ କହିଛନ୍ତି।

# ଯୁବକଙ୍କୁ ମାଡ଼ମାରି ଅଭିଯୁକ୍ତ ଫେରାର୍

ଗୋପାଳପୁର,୧୮।୪

ଗୋଳକୁଣ୍ଡରା ଥାନା ୧୮ନଂ. ଜୋନ ବିଜେଡି ଜିଲା ପରିଷଦ ସଭ୍ୟ ଓ ସହଯୋଗୀ ମିଶି ସୁନାପୁର ଗ୍ରାମର ଚନ୍ଦ୍ରଶେଖର ବେହେରାଙ୍କୁ ନିସ୍ତୁକ ମାଡ଼ ମାରିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୧୧୬/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଚନ୍ଦ୍ରଶେଖର ନିଜ ଦୋକାନରେ ବସିଥିବା ବେଳେ ଜିଲା ପରିଷଦ ସଭ୍ୟ ଗୋବିନ୍ଦ ବେହେରା ଓ ସହଯୋଗି ମିଶି ବୁଧବାର ଅପରାହ୍ନରେ ଚନ୍ଦ୍ରଶେଖରଙ୍କ ଦୋକାନରେ ପଶି ଗାଳିଗୁଲଜ କରି ମାଡ଼ମାରି ଧମକ ଦେଇଥିଲେ। ଏଥିସହ ଗୋବିନ୍ଦଙ୍କ ସହଯୋଗୀମାନେ ଦୋକାନରେ ଥିବା ସାମଗ୍ରୀ ବାହାରକୁ ଫିଙ୍ଗି ଦେଇଥିଲେ। ପରେ ସେମାନେ ଚନ୍ଦ୍ରଶେଖରଙ୍କୁ ପିନ୍ଧିଥିବା ସୁନା ଚେନ୍ ଓ ଦୋକାନରେ ଥିବା ୮ ହଜାର ଟଙ୍କା ଲୁଟି ନେଇ ଫେରାର୍ ହୋଇଯାଇଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

